# ଜଳୁଛି ଡାଳପକା ଜଙ୍ଗଲ, ଲିଭାଇବାରେ ବନ ବିଭାଗ ବିଫଳ

**ବଇଣ୍ଡା, ୯।୪ (ପରିକ୍ଷିତ ସାହୁ)**


ଡାଳପକା ଜଙ୍ଗଲ ଜଳୁଛି।

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ରେଞ୍ଜ ଅଧୀନରେ ଥିବା ଡାଳପକା ଜଙ୍ଗଲ କିଛି ଦିନ ହେବ ଜଳୁଛି। ନିଆଁକୁ ଆୟତ୍ତ କରିବାରେ ବନ ବିଭାଗ ବିଫଳ ହେଉଥିବାରୁ ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଅନୁଯାୟୀ, ଡାଳପକା ଜଙ୍ଗଲରେ ବହୁ ମୂଲ୍ୟବାନ ଗଛ ଥିବାବେଳେ ଏହା ଉପରେ କାଠ ଚୋରଙ୍କ ନଜର ପଡିଛି। ସେହିପରି ବହୁ ସଂଖ୍ୟାରେ ମହୁଲ ଗଛ ଥିବାରୁ ମହୁଲ ଫୁଲ ସଂଗ୍ରହ ପାଇଁ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକେ ଜଙ୍ଗଲକୁ ଯାଉଛନ୍ତି। ହେଲେ ପତ୍ରଝଡ଼ା ସମୟ ହୋଇଥିବାରୁ ଗଛତଳେ ଗଦା ହୋଇଥିବା ଶୁଖିଲା ପତ୍ର ଯୋଗୁ ମହୁଲ ଫୁଲ ସଂଗ୍ରହରେ ଅସୁବିଧା ଅନୁଭବ କରି କେତେଜଣ ଲୋକ ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଉଥିବା ସନ୍ଦେହ କରାଯାଉଛି। ଫଳରେ ନିଆଁ ଜଙ୍ଗଲର କିଛି ଅଂଶକୁ ବ୍ୟାପିଯାଇଥିବା କୁହାଯାଉଛି। ଏହି ନିଆଁ ଯୋଗୁ ଅନେକ ମୂଲ୍ୟବାନ ଔଷଧୀୟ ଗଛ, କୀଟ ପତଙ୍ଗ ଜଳି ଯାଉଛନ୍ତି। ନିଆଁ ଅଧିକରୁ ଅଧିକ ଅଞ୍ଚଳକୁ ମାଡୁଥିବାରୁ ନିକଟସ୍ଥ ଗ୍ରାମବାସୀ ଭୟଭୀତ ହୋଇ ପଡ଼ିଛନ୍ତି। ବାମୁର ବନ ବିଭାଗକୁ ସୂଚନା ଦିଆଯାଇଥିଲେ ମଧ୍ୟ ନିଆଁ ଲିଭାଇବାରେ ବିଭାଗ ବିଫଳ ହୋଇଛି। ବିଭାଗ ପକ୍ଷରୁ ଠିକ୍ ଭାବେ ପାଟ୍ରୋଲିଂ କରାଯାଉ ନ ଥିବା ଡାଳପକା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବାମୁର ରେଞ୍ଜର ସ୍ୱାଧୀନ ସାମଲ କହିଛନ୍ତି, ଜଙ୍ଗଲରେ ନିଆଁ ଲିଭାଇବା ପାଇଁ ପଦକ୍ଷେପ ନିଆଯାଉଛି।

# ବେଆଇନ ପଥର ବ୍ଲାଷ୍ଟିଂ ନେଇ ଥାନାରେ ଅଭିଯୋଗ

**ସନ୍ତ୍ରୀଛକ,୯।୪(ସନ୍ତୋଷ ପରିଡ଼ା)**

ବଅଁରପାଳ ବ୍ଲକ ଅନ୍ତର୍ଗତ ବୁଢ଼ାପଙ୍କ ପଞ୍ଚାୟତ ପନ୍ଦରଭରଣିଆ ମାଟିଆସାହି ଜନବସତି ନିକଟରେ ବେଆଇନ ପଥର ବ୍ଲାଷ୍ଟିଂ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ପନ୍ଦରଭରଣିଆ ମାଟିଆସାହିର ଅବନ୍ତି ପ୍ରଧାନ, ମହେନ୍ଦ୍ର ପ୍ରଧାନ, ଟିନା ପ୍ରଧାନ, ବୁରେଇ ପ୍ରଧାନ, ସୁଦର୍ଶନ ପ୍ରଧାନ, ଚାତୁରୀ ପ୍ରଧାନ, ସାବିତ୍ରୀ ପ୍ରଧାନ ପ୍ରମୁଖ ଗୁରୁବାର ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି, ମାଟିଆ ସାହି ଜନବସତି ନିକଟରେ ଜିଏମ୍ଆର୍ ପ୍ଲାଣ୍ଟ ପକ୍ଷରୁ ସୋଲାର ପ୍ଲାଣ୍ଟ କାର୍ଯ୍ୟ ଚାଲିଛି। ବୁଧବାର ସନ୍ଧ୍ୟାରେ ପ୍ଲାଣ୍ଟ କାର୍ଯ୍ୟ ବେଳେ ବେଆଇନ ଭାବେ ପଥର ବ୍ଲାଷ୍ଟିଂ କରାଯାଇଥିଲା। ଫଳରେ ନିକଟସ୍ଥ ଗ୍ରାମର କେତୋଟି ଘରର କାନ୍ଥ ଫାଟି ଯାଇଥିବାବେଳେ ଘର ସମ୍ମୁଖରେ ପଥର ଖଣ୍ଡ ପଡୁଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ଦୁଷ୍ମନ୍ତ କୁମାର ସିଂହ ପ୍ରକାଶ କରିଛନ୍ତି।

# ବଜାର ଛକ ନିକଟରେ ଜଳଛତ୍ର ଉଦ୍‌ଘାଟିତ


ଜଳଛତ୍ର ଉଦ୍‌ଘାଟନ ଅବସରରେ ଅନୁଗୋଳ ବିଧାୟକଙ୍କ ସହ ଅନୁଷ୍ଠାନର କର୍ମକର୍ତ୍ତାମାନେ।

**ଅନୁଗୋଳ,୯।୪ (ଜ୍ୟୋତିରଞ୍ଜନ ସାହୁ)**

'ଆମ ଅନୁଗୋଳ ଆମ ଗୌରବ' ଅନୁଷ୍ଠାନ ତରଫରୁ ଗୁରୁବାର ବଜାର ଛକଠାରେ ଏକ ଥଣ୍ଡା ପାନୀୟ ଜଳଛତ୍ର ଖୋଲାଯାଇଛି। ଅନୁଷ୍ଠାନ ସଭାପତି ଚନ୍ଦ୍ରକାନ୍ତ ଧଳଙ୍କ ଆବାହକତ୍ୱରେ ଉକ୍ତ ଜଳଛତ୍ରକୁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ବଜାର ଛକ ଏକ ବ୍ୟସ୍ତ ବହୁଳ ଅଞ୍ଚଳ ହୋଇଥିବାରୁ ଆସୁଥିବା ଗ୍ରାହକ, ସାଧାରଣ ଲୋକ, ପଥଚାରୀଙ୍କ ପାଇଁ କରାଯାଇଥିବା ଶୁଦ୍ଧ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥାକୁ ବିଧାୟକ ପ୍ରଶଂସା କରିଥିଲେ। ଅନୁଗୋଳ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ, ଅନୁଗୋଳ ଜିଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ଅଧକ୍ଷ ଅଶୋକ କୁମାର ଜୈନ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସ୍ଥାନୀୟ ଲୋକମାନେ ଏହି ପ୍ରୟାସକୁ ସ୍ୱାଗତ କରିବା ସହ ସଙ୍ଗଠନକୁ ପ୍ରଶଂସା କରିଥିଲେ। ଏହି ଜଳଛତ୍ର ଗ୍ରୀଷ୍ମ ସମୟରେ ଲୋକଙ୍କ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସଭାପତି ଚନ୍ଦ୍ରକାନ୍ତ ଧଳ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ଉପଦେଷ୍ଟା ଭୂପେଶ ଚନ୍ଦ୍ର ପ୍ରଧାନ, ଅମିୟ ତ୍ରିପାଠୀ, ବ୍ରଜବନ୍ଧୁ ଦେହୁରୀ, କମଲେଶ ବର୍ମା, ସମ୍ପାଦକ ସୁଧୀର ରଞ୍ଜନ ସାହୁ, ଉପସଭାପତି ସେକ ରଫିକ, କୋଷାଧକ୍ଷ ଅଶୋକ କୁମାର ମୋଦି, ସହ ସମ୍ପାଦକ ଦୀପକ ସାହୁ ଏବଂ ସଦସ୍ୟ କପିଳ ଫୋଗଲା, ବିକାଶ ଶର୍ମା, ସୂର୍ଯ୍ୟକାନ୍ତ ଧଳ, ହାଇଦର ଅଲି, ସତ୍ୟବ୍ରତ ସାହୁ, ସବଦର୍ ଅଲି, ସୁବ୍ରତ ସାହୁ, ମୁକେଶ କୁମାର ବିଶ୍ୱାଳ, ସୁଜିତ ସାହୁ, ଦେବାଶିଷ ତ୍ରିପାଠୀ, କ୍ରିଷ୍ଣା ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି ବିଭାଗରେ ଅନିୟମିତତାର ଭିଜିଲାନ୍ସ ତଦନ୍ତ ଦାବି

**ବଇଣ୍ଡା, ୯।୪ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର କୃଷି ବିଭାଗରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଚାଷୀଙ୍କ ପାଇଁ ଆସିଥିବା ନାନୋ ଡିଏପି ସାରକୁ ବାହାରେ ବିକ୍ରି କରାଯାଇଥିବା ସମ୍ପର୍କରେ ବିଭାଗୀୟ ତଦନ୍ତ କରାଯାଇଥିଲେ ମଧ୍ୟ ଠିକ୍ ରିପୋର୍ଟ ଦେବାରେ କୃଷି ବିଭାଗ ଅମଙ୍ଗ ହେଉଥିବା ଅଭିଯୋଗ କରି ଆଠମଲ୍ଲିକ ଉପଖଣ୍ଡର ସାମାଜିକକର୍ମୀ ପ୍ରିୟଦର୍ଶନୀ ସ୍ୱାଇଁ ଗୁରୁବାର ଇ-ମେଲ୍ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅଭିଯୋଗପତ୍ର ପଠାଇ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି, ୨୦୨୪ ଓ ୨୦୨୫ ମସିହାରେ କିଶୋରନଗର ବ୍ଲକର ୨୩ଟି ପଞ୍ଚାୟତର ଚାଷୀଙ୍କ ପାଇଁ କୃଷି ବିଭାଗ ପକ୍ଷରୁ ୭୦୦ ଲିଟର ନାନୋ ଡିଏପି ସାର ଆସିଥିବାବେଳେ ତାହାକୁ ବାହାରେ ବିକ୍ରି କରାଯାଇଛି। ଏ ନେଇ ଗତ ଫେବୃଆରୀରେ ଆଠମଲ୍ଲିକ ଅଞ୍ଚଳର ସାମାଜିକ କର୍ମୀ ବିଶ୍ୱଜିତ ଗାଇଗରିଆ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ କୃଷି ବିଭାଗ ପକ୍ଷରୁ ଏକ ୬ ଜଣିଆ ଟିମ୍ ଆସି ମାର୍ଚ୍ଚ ୧୨ ତାରିଖରେ ତଦନ୍ତ କରିଥିଲେ। ହେଲେ ଏହି ଦୁର୍ନୀତି ଘଟଣାକୁ ଚାପି ଦେବାକୁ ବିଭାଗ ପକ୍ଷରୁ ଜୋରଦାର ଉଦ୍ୟମ କରାଯାଉଥିବାବେଳେ ତୁରନ୍ତ ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାମାଜିକ କର୍ମୀ ସ୍ୱାଇଁ ଦାବି କରିଛନ୍ତି। ଏ ନେଇ ବ୍ଲକ କୃଷି ଅଧିକାରୀ ଦେବୀ ପ୍ରସାଦ ପୃଷ୍ଟି କହିଛନ୍ତି, ସାର ଅନିୟମିତା ସମ୍ପର୍କରେ ବିଭାଗୀୟ ତଦନ୍ତ କରାଯାଇଛି। ରିପୋଟ ଆସିଲେ ଜଣାପଡିବ।

# ଅନୁଗୋଳ ପୋଲିସ ପକ୍ଷରୁ ରକ୍ତଦାନ ଶିବିର



ଶିବିରରେ ଅନୁଗୋଳ ଏସ୍‌ପି ରକ୍ତଦାନ କରୁଛନ୍ତି।

**ଅନୁଗୋଳ,୯।୪ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ପୋଲିସ ପକ୍ଷରୁ ଛେଲିଆପଡ଼ା ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଗୁରୁବାର ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ପୋଲିସ କର୍ମଚାରୀ ଓ ହୋମଗାର୍ଡମାନଙ୍କ ତରଫରୁ ରକ୍ତଦାନ କରାଯାଇଥିଲା। ଶିବିରରେ ମୋଟ ୧୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅନୁଗୋଳ ଏସ୍‌ପି ରାହୁଲ ଜୈନ ଏହାକୁ ଉଦ୍‌ଘାଟନ କରିବା ସହ ନିଜେ ରକ୍ତଦାନ କରି ଅନ୍ୟମାନଙ୍କୁ ପ୍ରେରିତ କରିଥିଲେ। ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡା, ଡିଏସ୍‌ପି ଯୋଗେଶ୍ୱରୀ ବେହେରା, ଇନ୍ସପେକ୍ଟର ଅନୁପ ତିର୍କେ ଓ ଅୟସକାନ୍ତ ଜେନାଙ୍କ ସହିତ ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ରକ୍ତଦାନ କରିଥିଲେ। ଉତ୍ତର କେନ୍ଦ୍ରାଞ୍ଚଳ ଆଇଜିପି ସତ୍ୟବ୍ରତ ଭୋଇ ଶିବିର ପରିଦର୍ଶନ କରିବା ସହ ରକ୍ତଦାତାମାନଙ୍କ ସହିତ ଆଲୋଚନା କରି ସେମାନଙ୍କୁ ପ୍ରେରଣା ଦେଇଥିଲେ।

# ତୁରଙ୍ଗରେ ସେକ୍ସ ରାକେଟ ଠାବ, ୪ ଗିରଫ



**ଅନୁଗୋଳ,୯।୪ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଟାଉନ ଥାନା ତୁରଙ୍ଗ ଅଞ୍ଚଳରେ ଚାଲୁଥିବା ଏକ ସେକ୍ସ ରାକେଟକୁ ପୋଲିସ ଗୁରୁବାର ରାତିରେ ଠାବ କରିଛି। ସ୍ୱତନ୍ତ୍ର ସ୍କ୍ୱାଡ୍ ପକ୍ଷରୁ ଏକ ହୋଟେଲରେ ଚଢ଼ାଉ କରାଯାଇ ୪ ଯୁବତୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ହୋଟେଲ ମାଲିକଙ୍କ ସହିତ ମୋଟ ୪ ଜଣଙ୍କୁ ପୋଲିସ ଗିରଫ କରିଛି। ପୋଲିସ କହିଛି, ଦୀର୍ଘଦିନ ଧରି ଏହି ସେକ୍ସ ରାକେଟ ଚାଲୁଥିଲା ଏବଂ ବାହାର ଅଞ୍ଚଳରୁ ଯୁବତୀମାନଙ୍କୁ ଅଣାଯାଇ ଏହି କାରବାର କରାଯାଉଥିବା ବିଶେଷସୂତ୍ରରୁ ସୂଚନା ମିଳିଥିଲା। ଉଦ୍ଧାର ହୋଇଥିବା ଯୁବତୀମାନେ ବାଲେଶ୍ୱର ଓ ଅନୁଗୋଳ ଅଞ୍ଚଳର। ଅଧିକ ତଦନ୍ତ ଜାରି ରହିଛି ଏବଂ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଚେଷ୍ଟା ଚାଲିଥିବା ପୋଲିସ ପ୍ରକାଶ କରିଛି।

# ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତ ସଂଗ୍ରହ

**ଆଠମଲ୍ଲିକ,୯।୪(ଉଦୀପ୍ତ ପୁରୋହିତ)**

ଓଡ଼ିଆ ପକ୍ଷ ପାଳନ ଅବସରରେ ଗୁରୁବାର ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଓ ଯୁବ ରେଡ୍‌କ୍ରସ୍ ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୨୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଡ. ତ୍ରିଲୋଚନ ପ୍ରଧାନ ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଡାକ୍ତର ସ୍ୱାଗତିକା ଗଡ଼ତିଆ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବାବେଳେ ନର୍ସ ପୁଷ୍ପଲତା ପ୍ରଧାନ ଓ ବ୍ଲଡ ବ୍ୟାଙ୍କ କର୍ମଚାରୀ ପୁରୁଷୋତ୍ତମ କେଶରୀ, ସୁଶାନ୍ତ ସାହୁ, ରବୀନ୍ଦ୍ର ମହାନ୍ତି, ରାକେଶ କୁମାର ଦତ୍ତ, ଗୋବିନ୍ଦ ବେହେରା, ମନୋରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନା ବିଭାଗ ଦାୟିତ୍ୱରେ ଥିବା ଅଧାପକ ଚନ୍ଦ୍ରକାନ୍ତ ମଲ୍ଲିକ ଓ ଯୁବ ରେଡ୍‌କ୍ରସ୍ ଦାୟିତ୍ୱରେ ଥିବା ଅଧାପକ କ୍ଷୀରୋଦ ପ୍ରଧାନ, ଲ୍ୟୁଟନାଣ୍ଟ ଶୁଭାଶିଷ ରଞ୍ଜନ ଦାଶଙ୍କ ସମେତ ମହାବିଦ୍ୟାଳୟର ଅଧାପିକା, ଅଧାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ବଇଣ୍ଡାରେ ଶିକ୍ଷା ସଚେତନତା ରଥକୁ ସ୍ୱାଗତ


ସଚେତନତା ରଥକୁ ସ୍ୱାଗତ କରାଯାଉଛି।

**ବଇଣ୍ଡା, ୯।୪ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଶିକ୍ଷା ସଚେତନତା ରଥକୁ ସ୍ୱାଗତ କରାଯାଇଛି। କିଶୋରନଗରରୁ ଆସିଥିବା ଉକ୍ତ ସଚେତନତା ରଥ ବଇଣ୍ଡାଠାରେ ପହଞ୍ଚିବା ପରେ ତାହାକୁ ସ୍ୱାଗତ କରାଯାଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଚେତନତା ରଥ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କିପରି ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସି ପଢ଼ିବେ ସେ ନେଇ ଉକ୍ତ ରଥ ସଚେତନ କରାଇଥିଲା। ପରେ ଉକ୍ତ ରଥ ଗ୍ରାମ ପରିକ୍ରମା କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଆର୍‌ସିସି ରଞ୍ଜନ କୁମାର ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସୁକାନ୍ତି ମଞ୍ଜରୀ ଚଟମ୍ବା, ସିଶଲିନ ନାୟକ, ବିସିକେଶନ ସେଠୀ, ଅନାଦୀ ବିଶି, ଗୋପାଳଚନ୍ଦ୍ର ପାଣିଗ୍ରାହୀ, ବିଶ୍ୱନାଥ ଦେହୁରୀ, ଭବାନୀ ଶଙ୍କର ପ୍ରଧାନ, କଳ୍ପନା ସାହୁ, ରଶ୍ମି ବେହେରା, ଜ୍ୟୋସ୍ନାରାଣୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଲୁଟ୍ ମାମଲାରେ ୨ ଗିରଫ

**ଅନୁଗୋଳ,୯।୪ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ସଦର ଥାନା ବଡ଼କେରେଜାଙ୍ଗରେ ଏକ ମଦ ଦୋକାନ ମ୍ୟାନେଜରଙ୍କ ଠାରୁ ଲୁଟ ଘଟଣାରେ ୨ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି ପୋଲିସ। ଏଥିସହ ଲୁଟ୍ ହୋଇଥିବା ଟଙ୍କା ଏବଂ ସାମଗ୍ରୀ ଜବତ କରାଯାଇଛି। ସୂଚନା ଅନୁସାରେ, ଗତ ୬ ତାରିଖ ରାତି ପ୍ରାୟ ୧୦ଟା ୩୦ରେ ମଦ ଦୋକାନ ମ୍ୟାନେଜର କାମ ସାରି ସ୍କୁଟିରେ ଘରକୁ ଫେରୁଥିବାବେଳେ ମଝିକା-ଜରାସିଂହା ରାସ୍ତାର ବେଣାଗାଡ଼ିଆ ନିକଟରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ତାଙ୍କଠାରୁ ଗୋଟିଏ ସୁନାଚେନ୍ ଓ ପ୍ରାୟ ୧୮ ହଜାର ଟଙ୍କା, ସ୍କୁଟି ଲୁଟି ନେଇ ପଳାଇଯାଇଥିଲେ। ଘଟଣା ସମ୍ପର୍କରେ ସଦର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଅଭିଯୁକ୍ତ ସତ୍ୟନାରାୟଣ ମହାପାତ୍ର ଓ ଲୁଲୁ ସାହୁଙ୍କୁ ଗିରଫ କରାଯାଇଥିଲା। ଲୁଟ୍ ହୋଇଥିବା ସ୍କୁଟି ଓ ବ୍ୟବହୃତ ହୋଇଥିବା ଏକ ବାଇକ୍ (ନଂ. ଓଡି୧୯ଜି -୫୪୧୦) କୁ ଜବତ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଶିଶୁମନ୍ଦିରରେ ବିଦ୍ୟାରମ୍ଭ ଉତ୍ସବ

**ଅନୁଗୋଳ,୯।୪(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଯୁକ୍ତ ୨ ବିଜ୍ଞାନ ବିଭାଗରେ ଗୁରୁବାର ବିଦ୍ୟାରମ୍ଭ ଉତ୍ସବ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଜିଲା ନ୍ୟାୟାଧୀଶ ଦୁର୍ଗାଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚମାନର ଅଧାପିକା ଅଧାପକମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ସମ୍ପାଦକ ବିଜୟ କୁମାର ମୋଦି ଯୋଗଦେଇଥିଲେ। ଅଧକ୍ଷ ଡ. ସିଦ୍ଧନାଥ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ସମସ୍ତ ଅଧାପିକା ଅଧାପକ ଉପସ୍ଥିତ ଥିଲେ। ୨ୟ ବର୍ଷ ଛାତ୍ରୀଛାତ୍ରଙ୍କ ଶିକ୍ଷା ଆରମ୍ଭ ହେବା ସହିତ ୧ମ ବର୍ଷ ବାର୍ଷିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ପ୍ରିୟଙ୍କା ହାଁସଦା, ଦ୍ୱିତୀୟ ସ୍ଥାନରେ ଥିବା ସ୍ୱୟଂଶ୍ରଦ୍ଧା ବେହେରା, ତୃତୀୟ ହୋଇଥିବା ଅଙ୍କିତା ରାଣୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।

# ମା' ହିଙ୍ଗୁଳାଙ୍କ ହୁଣ୍ଡିରୁ ମିଳିଲା ୧୦.୪୬ ଲକ୍ଷ ଟଙ୍କା


ହୁଣ୍ଡି ଖୋଲାଯାଇ ଟଙ୍କା ଗଣତି କରାଯାଉଛି।

**ତାଳଚେର,୯।୪(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ପୀଠ ପରିସରରେ ଥିବା ସମସ୍ତ ହୁଣ୍ଡି ଗୁରୁବାର ଖୋଲା ଯାଇଥିଲା। ତାଳଚେର ଡେପୁଟି କଲେକ୍ଟର ଧର୍ମେନ୍ଦ୍ର କୁମାର ଶତପଥୀ, ଟ୍ରଷ୍ଟ ସଦସ୍ୟ ରାଜେନ୍ଦ୍ର କୁମାର ସିଂ, ମୁରଲୀଧର ସାହୁ, ଅରୁଣ କୁମାର ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ସଞ୍ଜୟ କୁମାର ସାହୁ, ଗଗନ ବିହାରୀ ସାହୁ, ରାଜସ୍ୱ ସହାୟକ ଧୁଳେଶ୍ୱର ବେହେରାଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ ଥିବା ସମସ୍ତ ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ଏଥିରୁ ମୋଟ ୧୦ ଲକ୍ଷ ୪୬ ହଜାର ୯୧୦ ଟଙ୍କା ସଂଗୃହୀତ ହୋଇଥିଲା। କନେଷ୍ଟବଲ କରୁଣାକର ମହାପାତ୍ର, ବିଭୂତି ଭୂଷଣ ସାମଲ, ସୁଶାନ୍ତ କୁମାର ସାହୁ, ବିକାଶ ରଞ୍ଜନ ପ୍ରଧାନ, ମାନସ ରଞ୍ଜନ ସାହୁ, କୃଷ୍ଣଚନ୍ଦ୍ର ସାହୁ, ସଚିନ କୁମାର ସାହୁ, ନାବି ସାମଲ, ପ୍ରତାପ ଚନ୍ଦ୍ର ବେହେରା, ସୌମ୍ୟ ରଞ୍ଜନ ମହାନ୍ତି, ମିଥୁନ ବେହେରା, ଦୀପକ ଦାସ, ମନୋରଞ୍ଜନ ସ୍ୱାଇଁ, ସନ୍ତୋଷ କୁମାର ସ୍ୱାଇଁ, ରାଜେନ୍ଦ୍ର କୁମାର ସାମଲ, ବାଉରୀବନ୍ଧୁ ସାମଲ, ବାପି ସାହୁ, ଶ୍ରୀନିବାସ ଅମନ୍ତ, ପ୍ରସାଦ କୁମାର ଶତପଥୀ, ରଜନୀକାନ୍ତ ପ୍ରଧାନ, ସମ୍ବିତ କୁମାର ସାହୁ, ତାରାକାନ୍ତ ସାହୁ, ପି.ସୂର୍ଯ୍ୟକାନ୍ତ ନରେନ୍ଦ୍ର ରାଓ, ପୁପିନ୍ଦ୍ର ପ୍ରଧାନ, ଚିନ୍ମୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଗିରଫଦାରି ସଂଖ୍ୟା ୪କୁ ବୃଦ୍ଧି

**ସବ୍‌ରେଜିଷ୍ଟ୍ରି ଅଫିସରୁ ଯୁବକଙ୍କୁ ଅପହରଣ ମାମଲା**

**ଅନୁଗୋଳ,୯।୪ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ସବ୍‌ରେଜଷ୍ଟ୍ରି ଅଫିସ ପରିସରରୁ ଗତ ଜାନୁୟାରୀ ୧୫ ତାରିଖରେ ଜଣେ ଯୁବକଙ୍କୁ ଅପହରଣ କରାଯାଇଥିବା ମାମଲାରେ ଟାଉନ ଥାନା ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ତୁରଙ୍ଗ ଅଞ୍ଚଳର ରଜନୀକାନ୍ତ ନାୟକ (୩୭)। ରଜନୀକାନ୍ତଙ୍କୁ ମିଶାଇ ଏହି ମାମଲାରେ ଗିରଫଦାରି ସଂଖ୍ୟା ୪କୁ ବୃଦ୍ଧି ପାଇଛି। ଏହି ଘଟଣାରେ ପୂର୍ବରୁ ସହରର ଜମି ବ୍ୟବସାୟୀ ପ୍ରଦ୍ୟୁମ୍ନ ନନ୍ଦ ଓରଫ ପିଣ୍ଟୁ ନନ୍ଦଙ୍କୁ ଗିରଫ କରାଯାଇଥିଲା। ପୋଲିସର ସୂଚନା ଅନୁଯାୟୀ, ଅନୁଗୋଳ ସହର ହୁଲୁରିସିଂହା ଗ୍ରାମର ପ୍ରଭାତ କୁମାର ପ୍ରଧାନ କୌଣସି କାମରେ ସବ୍‌ରେଜଷ୍ଟ୍ରି ଅଫିସକୁ ଯାଇଥିବାବେଳେ ଅଭିଯୁକ୍ତ ପିଣ୍ଟୁ ନନ୍ଦ ଓ ତାଙ୍କର କେତେଜଣ ସହଯୋଗୀ ସେଠାରେ ପହଞ୍ଚି ପ୍ରଭାତଙ୍କୁ ଆକ୍ରମଣ କରିବା ସହ ଅପହରଣ କରି ନେଇଯାଇଥିଲେ ବୋଲି ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଭୂମିପୂଜନ


କାର୍ଯ୍ୟକ୍ରମରେ ତାଳଚେର ବିଧାୟକଙ୍କ ସହ ଅନ୍ୟମାନେ।

**କଣିହାଁ,୯।୪(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ସାନତ୍ରିବିଡ଼ା ପଞ୍ଚାୟତର ଧୋବାପାଳ ଓ ଚନ୍ଦ୍ରବିଲ ଗ୍ରାମରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭୂମି ପୂଜନ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗଦେଇଥିଲେ। ଏହି ପ୍ରକଳ୍ପଗୁଡିକ ମଧ୍ୟରେ ରୁରୁଭୂଇଁଠାରୁ ଧୋବାପାଳ ପର୍ଯ୍ୟନ୍ତ ନୂତନ ରାସ୍ତା ଓ ଧୋବାପାଳ ଗ୍ରାମରେ ନୂତନ ଗୋଷ୍ଠୀକେନ୍ଦ୍ରର ଉଦ୍‌ଘାଟନ ଏବଂ ଗ୍ରାମର ହନୁମାନ ମନ୍ଦିରଠାରେ ନୂତନ ଭୋଗମଣ୍ଡପର ଭୂମିପୂଜନ ରହିଛି। ଚନ୍ଦ୍ରବିଲ ଗ୍ରାମରେ ଅବସ୍ଥିତ ମା' ମଙ୍ଗଳାଙ୍କ ନୂତନ ମନ୍ଦିରର ସୌନ୍ଦର୍ଯ୍ୟୀକରଣ ଓ ନେତାଜୀ ୟୁଥ୍ କ୍ଲବର ନୂତନ ଗୃହ ଉଦ୍‌ଘାଟନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ କଣିହାଁ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ସାନତ୍ରିବିଡ଼ା ସରପଞ୍ଚ ସୁଜାତା ପ୍ରଧାନ, ସମିତି ସଭ୍ୟା ମିନାକ୍ଷୀ ସାହୁ, କଣିହାଁ ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଚିନ୍ମୟ ମିଶ୍ର, ଅନୁଗୋଳ ଜିଲା ବିଜେଡି ଉପସଭାପତି ସୁନୀଲ ପ୍ରଧାନ, କଣିହାଁ ଉପାଧକ୍ଷାଙ୍କ ପ୍ରତିନିଧି ରାଜେନ୍ଦ୍ର ପ୍ରଧାନ, ବଡତ୍ରିବିଡା ସରପଞ୍ଚ ଶାନ୍ତନୁ ପ୍ରଧାନ, ସମିତିସଭ୍ୟ କିଶୋରୀ ବେହେରା, ଗଦଶିଳା ସରପଞ୍ଚ ବୃନ୍ଦାବନ ପ୍ରଧାନ, ବିଜିଗୋଳ ସରପଞ୍ଚ ରୁକ୍ମିଣୀ ପ୍ରଧାନ, ନାଏବ ସରପଞ୍ଚ ଅମୃତି ବେହେରା, ସାମାଜିକ କର୍ମୀ ନିର୍ମଳ ସାହୁ, ଧୋବାପାଳ ଓ ଚନ୍ଦ୍ରବିଲ ଗ୍ରାମ ସଭାପତି, ସମ୍ପାଦକ ପ୍ରମୁଖଙ୍କ ସମେତ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ପୌର କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଲେ ସ୍ୱଚ୍ଛକର୍ମୀ

■ଛଟେଇ ହେଲେ, ୩ମାସର ବକେୟା ଦରମା ମଧ୍ୟ ମିଳିଲାନି
■ପ୍ରବଳ ଖରା ଯୋଗୁ ୬ ଗୁରୁତର ହୋଇ ଚିକିତ୍ସାଳୟରେ ଭର୍ତ୍ତି
■ଅଳିଆ ନଉଠିବାରୁ ସହରରେ ଦୁର୍ଗନ୍ଧମୟ ପରିବେଶ


ପୌର କାର୍ଯ୍ୟାଳୟ ଆଗରେ ସ୍ୱଚ୍ଛ କର୍ମୀମାନେ ଧାରଣାରେ ବସିଛନ୍ତି।


ଜଣେ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଉଛି।

ଢେଙ୍କାନାଳ,୯।୪(ରତନ ନାୟାର)

ଢେଙ୍କାନାଳ ପୌରସଂସ୍ଥାରେ ଛଟେଇ କରାଯିବା ସହ ୩ ମାସର ବକେୟା ଦରମା ନ ମିଳିବାରୁ ପ୍ରତିବାଦରେ ସ୍ୱଚ୍ଛ କର୍ମୀମାନେ ଗୁରୁବାର ପୌର କାର୍ଯ୍ୟାଳୟର ଗେଟ୍ ଆଗରେ ଧାରଣାରେ ବସିଛନ୍ତି । ଫଳରେ ସହରରୁ ଅଳିଆ ନ ଉଠିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ଅଭିଯୋଗରୁ ଜଣାପଡିଛି ଯେ, ସହରର ସମସ୍ତ ଅଞ୍ଚଳରୁ ଅଳିଆ ସଂଗ୍ରହ ପାଇଁ ଭୁବନେଶ୍ୱରର ଏକ ନୂତନ ଘରୋଇ ଠିକାସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି । ସମ୍ପୃକ୍ତ ଠିକାସଂସ୍ଥା ୨୧ଜଣଙ୍କୁ ଅଳିଆ ସଂଗ୍ରହ ପାଇଁ ନିୟୋଜିତ କରିବା ପରେ ବାକି ସ୍ୱଚ୍ଛକର୍ମୀଙ୍କୁ ଛଟେଇ କରିଥିବା ଅଭିଯୋଗ ହୋଇଛି । ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଦୀର୍ଘ ୭ବର୍ଷ ହେବ ଏହି କାର୍ଯ୍ୟରେ ସ୍ୱଚ୍ଛକର୍ମୀମାନେ ନିୟୋଜିତ ହୋଇଥିଲେ । ମୋଟ ୪୨ଜଣ ମହିଳା ସ୍ୱଚ୍ଛକର୍ମୀଭାବେ କାମ କରି ନିଜର ଜୀବିକା ନିର୍ବାହ କରିବା ସହ ପ୍ରତିପୋଷଣ କରୁଥିଲେ । ସହର ମଧ୍ୟରେ ସମସ୍ତ ୨୩ଟି ୱାର୍ଡରୁ ବ୍ୟାଟେରି ଚାଳିତ ଗାଡିକୁ ଚଳାଇ ଏହି ସ୍ୱଚ୍ଛକର୍ମୀମାନେ ବର୍ଜ୍ୟବସ୍ତୁ ବିଶେଷକରି ଓଦା ଓ ଶୁଖିଲା ଅଳିଆ ସଂଗ୍ରହ କରନ୍ତି। କିନ୍ତୁ ହଠାତ୍ ଏକ ଘରୋଇ ସଂସ୍ଥାକୁ ଏହି ଦାୟିତ୍ୱ ଦିଆଯାଇଥିବାରୁ ଅଧା ସ୍ୱଚ୍ଛ କର୍ମୀଙ୍କୁ ଛଟେଇ କରିଥିବା ଅଭିଯୋଗ ହୋଇଛି।

ପ୍ରବଳ ଖରାରେ ସ୍ୱଚ୍ଛ କର୍ମୀମାନେ ଧାରଣାରେ ବସିବାରୁ ୬ଜଣ ଅସୁସ୍ଥ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିହୋଇଛନ୍ତି। ସ୍ୱଚ୍ଛ କର୍ମୀଙ୍କ ଧାରଣା ଯୋଗୁ ଅଫିସ କାର୍ଯ୍ୟ ମଧ୍ୟ ବନ୍ଦ ରହିଥିଲା । କର୍ମଚାରୀମାନେ ବାହାରେ ବହୁ ସମୟ ଧରି ଅଟକି ରହିଥିଲେ। ପୌର ନିର୍ବାହୀ ଅଧିକାରୀ, ଟାଉନ ଥାନା ପୋଲିସ ଓ ଠିକାସଂସ୍ଥା କର୍ତ୍ତୃପକ୍ଷ ଧାରଣାରତ କର୍ମୀମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସ୍ୱଚ୍ଛକର୍ମୀମାନେ ନିଜ ଜିଦରେ ଅଟଳ ରହିଥିଲେ।

ଏ ସଂକ୍ରାନ୍ତରେ ସ୍ୱଚ୍ଛକର୍ମୀ ଦେବକୀ ସାହୁ ଓ ଅବନ୍ତୀ ସାହୁ କୁହନ୍ତି, କୋଭିଡ ସମୟରୁ ଆମେ ଜୀବନକୁ ବାଜିଲଗାଇ ୪୨ଜଣ ସ୍ୱଚ୍ଛକର୍ମୀ ଭାବେ ନିୟୋଜିତ ହୋଇ କାମ କରୁଥିଲୁ । ଆମକୁ ୧୩,୫୦୦ ଟଙ୍କା ଲେଖାଏଁ ପ୍ରାପ୍ୟ ମିଳୁଥିଲା । କିନ୍ତୁ ହଠାତ୍ ଏକ ଠିକାସଂସ୍ଥାକୁ ଦାୟିତ୍ୱ ଦେଇ ଆମକୁ ଟେଲିଫୋନ ଯୋଗେ ବୁଧବାର କହିଲେ ଯେ, ଅଳିଆ ସଂଗ୍ରହ କାର୍ଯ୍ୟରେ ୨୧ଜଣଙ୍କୁ ନିୟୋଜିତ କରାଯିବ। ଆଉ ଯାହାକୁ ଫୋନ ମାଧ୍ୟମରେ ଡକାଯିବ, ସିଏ ଆସିବେ । ଠିକାସଂସ୍ଥା ଜଣକ ଲେଖାଏଁ ୧୦ହଜାର ଟଙ୍କା ପ୍ରାପ୍ୟ ଦେବେ। ଏହାକୁ ନେଇ ଆମେ ୪୨ଜଣ ଏକାଠି ହୋଇ ପ୍ରତିବାଦ କରୁଛୁ । ସମସ୍ତଙ୍କୁ ଉଚିତ ପ୍ରାପ୍ୟ ସହ ପୂର୍ବଭଳି କାର୍ଯ୍ୟରେ ନିଯୁକ୍ତ କରିବା ପାଇଁ ଆମେ ଦାବି କରୁଛୁ । ସମସ୍ତଙ୍କୁ ନିଯୁକ୍ତି ସହ ତୁରନ୍ତ ବକେୟା ଦରମା ପ୍ରଦାନ କରିବା ପାଇଁ ସେମାନେ ଦାବି କରିଥିଲେ । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାରୁ ଓହରିବେ ନାହିଁ ବୋଲି ଚେତାବନୀ ଦେଇଥିଲେ । ଅନ୍ୟପଟରେ ପୌରସଂସ୍ଥାରେ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଉଛି, କିନ୍ତୁ ନୂତନ ଭାବେ ଦାୟିତ୍ୱ ନେଇଥିବା ପୌର ନିର୍ବାହୀ ଅଧିକାରୀଙ୍କ ନିକଟରେ ମଧ୍ୟ ଏ ସଂକ୍ରାନ୍ତରେ ଖବର ନାହିଁ। ପୌରସଂସ୍ଥାରେ କାର୍ଯ୍ୟ କରୁଥିବା ଯନ୍ତ୍ରୀ ଓ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ନରହିବା ଯୋଗୁ ଏଭଳି ଅଭାବନୀୟ ଘଟଣା ଘଟିଥିବା ଦେଖାଯାଇଛି । ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, କାଉନସିଲର ସନ୍ଦୀପ ଷଡଙ୍ଗୀ ପହଞ୍ଚି ଠିକାସଂସ୍ଥାକୁ କିଭଳି ଭାବେ ଦାୟିତ୍ୱ ହସ୍ତାନ୍ତର କରାଗଲା, ତାହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ସଦର ବ୍ଲକ ବିଡିଓ ରାହୁଲ ମଣ୍ଡଳ କୁହନ୍ତି, ମୁଁ ୪ଦିନ ହେଲା ପୌର ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ନେଇଛି । ସେମାନେ ମୋତେ କୌଣସି ଦାବିପତ୍ର କିମ୍ବା ଅଭିଯୋଗପତ୍ର ଦେଇନାହାନ୍ତି । ପୌରଯନ୍ତ୍ରୀଙ୍କ ସହ ଆଲୋଚନା ପରେ ଜାଣିବାକୁ ମିଳିଲା ଯେ, ଅଳିଆ ସଂଗ୍ରହ ଦାୟିତ୍ୱ ଏକ ଆଉଟ୍‌ସୋର୍ସିଂ ସଂସ୍ଥାକୁ ଦିଆଯାଇଛି । ପୌର ପରିଷଦରେ ଏ ସଂକ୍ରାନ୍ତରେ କ'ଣ ନିୟମ ରହିଛି, ତାହା ଏପର୍ଯ୍ୟନ୍ତ ଜାଣିନାହିଁ। ଫାଇଲ ଦେଖିଲେ ଜାଣିପାରିବି । ଏ ସଂକ୍ରାନ୍ତରେ ଡୁଡା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରିଛି। ଶୁକ୍ରବାର ସେମାନଙ୍କୁ ଆଲୋଚନା କରିବା ପାଇଁ ମୁଁ କହିଲି, କିନ୍ତୁ ସେମାନେ ଶୁଣୁନାହାନ୍ତି ବୋଲି ପୌର ନିର୍ବାହୀ ଅଧିକାରୀ କହିଥିଲେ। ବହୁ ବୁଝାଶୁଝା କରି ଏ ସଂକ୍ରାନ୍ତରେ ସୋମବାର ବୈଠକ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିବା ପରେ ରାତି ୯ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଆଇଆଇଏମ୍‌ସିର ମୈତ୍ରୀ ଓ ଅଫ୍‌ତାବଙ୍କୁ ସ୍ୱର୍ଣ୍ଣ ପଦକ

**ଅଲ୍‌ଇଣ୍ଡିଆ ରାଇଜ୍‌ଅପ୍ ପିଆର-୨୦୨୬ ପ୍ରତିଯୋଗିତା**

ଢେଙ୍କାନାଳ,୯।୪(ରତନ ନାୟାର)


ଛାତ୍ରୀ ମୈତ୍ରୀ ଗର୍ଗ ଓ ଛାତ୍ର ଅଫତାବ ଅହମ୍ମଦ

ଢେଙ୍କାନାଳ ଭାରତୀୟ ଜନସଂଚାର ସଂସ୍ଥାନ (ଆଇଆଇଏମ୍‌ସି)ର କର୍ପୋରେଟ୍ କମ୍ୟୁନିକେଶନ ଆଣ୍ଡ ବ୍ରାଣ୍ଡ ମ୍ୟାନେଜମେଣ୍ଟ ପାଠ୍ୟକ୍ରମର ମୈତ୍ରୀ ଗର୍ଗ ଓ ଅଫତାବ ଅହମ୍ମଦ ପିଆର ମୋମେଣ୍ଟ ଦ୍ୱାରା ଆୟୋଜିତ ଅଲ୍ ଇଣ୍ଡିଆ ରାଇଜ୍‌ଅପ୍ ପିଆର-୨୦୨୬ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଦେଶର ବିଭିନ୍ନ ଅଗ୍ରଣୀ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦୃଢ ମେଟରିଂ ଅଧିବେଶନ ପରେ ଛାତ୍ରୀଛାତ୍ରମାନେ ଜୁରୀ ମେମ୍ବରମାନଙ୍କ ସମ୍ମୁଖରେ ଲାଇଭ୍ ପିଚିଂ କରି ମୋଟ ୯ଟି ଶ୍ରେଷ୍ଠ ଦଳ ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପ୍ରତିଯୋଗୀମାନଙ୍କୁ ଏକ ବାସ୍ତବିକ ସମସ୍ୟା ଉପରେ ଆଧାରିତ ରଣନୈତିକ ଯୋଗାଯୋଗ କ୍ୟାମ୍ପେନ୍ ପ୍ରସ୍ତୁତ କରିବାକୁ ଦିଆଯାଇଥିଲା, ଯାହା ସେମାନଙ୍କର ସୃଜନଶୀଳତା, ବିଶ୍ଳେଷଣାତ୍ମକ କ୍ଷମତା ଏବଂ ଜନସମ୍ପର୍କ କ୍ଷେତ୍ରରେ ପ୍ରାୟୋଗିକ ଜ୍ଞାନର ପରୀକ୍ଷା କରାଯାଇଥିଲା। ଆଇଆଇଏମସି ଢେଙ୍କାନାଳରେ ଗତବର୍ଷ ଆରମ୍ଭ ହୋଇଥିବା କର୍ପୋରେଟ୍ କମ୍ୟୁନିକେଶନ ଆଣ୍ଡ ବ୍ରାଣ୍ଡ ମ୍ୟାନେଜମେଣ୍ଟ ଏହି ସଫଳତା ମାଧ୍ୟମରେ ନିଜର ଶିକ୍ଷାଗତ ତାଲିମ ଏବଂ ପ୍ରାସଙ୍ଗିକତାକୁ ପ୍ରତିଫଳିତ କରିଛି। ଏହାର ନିରବଚ୍ଛିନ୍ନ ସଫଳତା ଓ ଚାହିଦାକୁ ଦୃଷ୍ଟିରେ ରଖି ଆସନ୍ତା ଶିକ୍ଷାବର୍ଷରୁ ଏହି ପାଠ୍ୟକ୍ରମକୁ ମାଷ୍ଟର୍ସ ଡିଗ୍ରୀକୁ ଉନ୍ନିତ କରାଯାଉଛି ବୋଲି ଆଇଆଇଏମସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।

# ମଦ ସହ ଗଞ୍ଜେଇ ଜବତ, ଜଣେ ଗିରଫ

ପରଜଙ୍ଗ,୯।୪ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ବାରିହାପୁର ପଇଁତିରିଆ ସାହିରେ ଗୁରୁବାର ଭୋର ଗଞ୍ଜେଇ ମାଫିଆକୁ ଗିରଫ କରିଛି ଅବକାରୀ ଟିମ। ଗିରଫ ଅଭିଯୁକ୍ତ ହେଲେ ପଇଁତିରିଆ ସାହିର ଦିଲୀପ କୁମାର ଦେହୁରୀ (୫୧)। ସେ ଦୀର୍ଘ ବର୍ଷ ଧରି ଲକ୍ଷ ଲକ୍ଷ ଟଙ୍କାର ଗଞ୍ଜେଇ ଚୋରା କାରବାର କରୁଥିଲେ। ଗୁରୁବାର ପରଜଙ୍ଗ ଏବଂ କାମାକ୍ଷାନଗର ଅବକାରୀ ବିଭାଭ ଦିଲୀପଙ୍କ ଘର ଏବଂ ଦୋକାନରେ ଚଢ଼ାଉ କରି ସେଠାରୁ ୫ କେଜି ୫ ଶହ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ୯୩.୬ ଲିଟର ବିୟର ସହ ୧୭.୨୮୦ ଲିଟର ବିଦେଶୀ ମଦ ମଧ୍ୟ ଜବତ କରିଛି ଅବକାରୀ ବିଭାଗ, ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ବିଶେଷ ସୂତ୍ରରୁ ଖବର ପାଇ କାମାକ୍ଷାନଗର ଅବକାରୀ ଇନ୍ସପେକ୍ଟର ପ୍ରକାଶ ସାହୁଙ୍କ ନେତୃତ୍ୱରେ ଅବକାରୀ ଏଏସଆଇ ସନାତନ ବେହେରା ଓ ପରଜଙ୍ଗ ଅବକାରୀ ଅଧିକାରୀ ବାସନ୍ତୀ ବାକ୍ଲ, ଏଏସଆଇ ପ୍ରକାଶ ରାଉତଙ୍କ ସମେତ ଅନ୍ୟ କର୍ମଚାରୀ ମିଳିତ ଭାବେ ଚଢ଼ାଉ କରିଥିଲେ।

# ଏମ୍‌ପିଙ୍କ ମାନପୁର ଗସ୍ତ

ଓଡ଼ାପଡ଼ା, ୯।୪ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅଧୀନ ମାନପୁର ଗ୍ରାମକୁ ଗସ୍ତ କରିଛନ୍ତି ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି। ଗ୍ରାମରେ ଚାଲିଥିବା ଅଷ୍ଟପ୍ରହରୀ ନାମଯଜ୍ଞରେ ଯୋଗଦେବା ସହିତ ଗ୍ରାମର ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ତ୍ୟୋଦୟ ଯୋଜନାରେ ପାଇଥିବା ଘର ବୁଲି ଦେଖିଥିଲେ। ଏହି ଅବସରରେ କଣ୍ଟାବଣିଆ ଥାନା ଆଇଆଇସି ନିରୋଦ କୁମାର ମଲ୍ଲିକ ଏମ୍‌ପିଙ୍କୁ ସାକ୍ଷାତ କରି ଅଞ୍ଚଳର ଭଲମନ୍ଦ ବୁଝିଥିଲେ। ଏମ୍‌ପିଙ୍କ ସହିତ ଭାଜପା ନେତା ସହଦେବ ପୃଷ୍ଟି, ସନ୍ତୋଷ ନାଏକ, ମଣ୍ଡଳ ସଭାପତି ଦେବାନନ୍ଦ ବେହେରାଙ୍କ ସହିତ ଅନ୍ୟାନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

# ଗ୍ରାମ୍ୟ ନିର୍ମାଣ ବିଭାଗ କାର୍ଯ୍ୟାଳୟ କୂଅରୁ ଯୁବକଙ୍କ ମୃତଦେହ ଜବତ

ଗଁଦିଆ,୯।୪(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଗ୍ରାମ୍ୟ ନିର୍ମାଣ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା କୂଅରୁ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତ ଯୁବକ ହେଲେ ଗଁଦିଆ ଥାନା ଅନ୍ତର୍ଗତ ଗଁଦିଆ ପାଟଣା ସାହିର ଦୀପକ ସାହୁ (୩୩)। ବୁଧବାର ରାତିରୁ ସେ ନିଖୋଜ ଥିଲେ। ଗୁରୁବାର ସକାଳେ ତାଙ୍କ ମୋବାଇଲ ଗ୍ରାମ୍ୟ ନିର୍ମାଣ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସର କୂଅ ପାଖରୁ ମିଳିଥିଲା । ଲୋକମାନେ କୂଅରେ ପଡ଼ିଥିବା ସନ୍ଦେହ କରି ଅଗ୍ନିଶମ ବିଭାଗଙ୍କୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ ପହଞ୍ଚି ତାଙ୍କୁ ଉଦ୍ଧାର କରି ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୀପକକୁ ମାରି କୂଅରେ ପକାଇ ଦିଆଯାଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

# ବଡ଼ସୁଆଳୋ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

କାମାକ୍ଷାନଗର, ୯।୪ (ସୁଧୀର କୁମାର ପରିଡ଼ା)




ଢେଙ୍କାନାଳ ଜିଲା କାମାକ୍ଷାନଗର ବଡସୁଆଳୋ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଗୁରୁବାର ଉଦ୍‌ଘାଟିତ ହୋଇଛି। ସଭାପତି ଶେଷରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବହୁ ପୁରାତନ ଛାତ୍ରୀଛାତ୍ରଙ୍କୁ ଏକାଠି ପାଇ ବର୍ତ୍ତମାନର ଛାତ୍ରୀଛାତ୍ର ଅନେକ ଶିଖିବାର ସୁଯୋଗ ଆସିଛି। ମଠକରଗୋଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ବର୍ତ୍ତମାନର ବିଦ୍ୟାଳୟ ନିର୍ମାଣରେ ବିଶ୍ୱକର୍ମା ସାଜିଥିବା ମୁରବୀମାନେ ଯିଏ ଯେଉଁଠି ଥାନ୍ତୁ, ଏପରିକି ସ୍ୱର୍ଗରେ ଥାଇ ମଧ୍ୟ ଆଜି ଏହି ପର୍ବକୁ ଦେଖି ଖୁସି ହେଉଥିବେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପରେଶ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଦିନମଣୀ ନାଏକ, ଡେପୁଟି କଲେକ୍ଟର ଜ୍ୟୋତିରୂପା ଶତପଥୀ, ତହସିଲଦାର ଶୁଭଙ୍କର ମହାନ୍ତି, ସହକାରୀ ଜିଲାପାଳ ଦୀପକ କୁମାର ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ହିରଣ୍ୟ କୁମାର ପାଲ ବିବରଣୀ ପାଠକରିଥିଲେ। ଶିକ୍ଷୟିତ୍ରୀ ଭାବନା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଲଳିତ ନଗର କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

ଢେଙ୍କାନାଳ,୯।୪(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳର ୩ନଂ ୱାର୍ଡ କୁଞ୍ଜକାନ୍ତ ଲଳିତ ନଗର ଅଞ୍ଚଳରେ ଲଳିତ ନଗର କମ୍ୟୁନିଟି ସେଣ୍ଟର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, କାଉନସିଲର ଅଭିମନ୍ୟୁ ପଣ୍ଡା, କୁଞ୍ଜକାନ୍ତ ପୂଜା କମିଟି ସଭାପତି ହୃଦାନନ୍ଦ ଦ୍ୱିବେଦୀ ଓ ପୌର ନିର୍ବାହୀ ଅଧିକାରୀ ରାହୁଲ ମଣ୍ଡଳ ପ୍ରମୁଖଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ସେହିପରି ୪ନଂ ୱାର୍ଡ ଜର୍ଜ ପ୍ରାଥମିକ ବିଦ୍ୟାଳୟ ନିକଟରେ ୧୫ଲକ୍ଷ ଟଙ୍କା ବ୍ୟୟରେ ବରିଷ୍ଠ ନାଗରିକ କ୍ଲବ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା।

# ଉପଜିଲାପାଳ ସଭାପତି, ଡେପୁଟି କଲେକ୍ଟର ସମ୍ପାଦକ

**ହିନ୍ଦୋଳ ହରିହାଟ ମହୋତ୍ସବ କମିଟି ଗଠିତ**

ରାସୋଳ,୯।୪(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡସ୍ତରୀୟ ହିନ୍ଦୋଳ ହରିହାଟ ମହୋତ୍ସବ କମିଟି ସଭାପତି ପ୍ରଦୀପ ସାମନ୍ତଙ୍କ ସଭାପତିତ୍ୱରେ ଗୁରୁବାର ତହସିଲ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ହରିହାଟ ମହୋତ୍ସବକୁ ଅଧିକ କ୍ରିୟାଶୀଳ କରିବା ପାଇଁ କମିଟିର ସଦସ୍ୟ, ଜନସାଧାରଣ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ଆଇନଜୀବୀ ଓ ପ୍ରଶାସନ ଅଧିକାରୀ ମାନେ ଏହି ବୈଠକ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ। ବୈଠକରେ ଉତ୍ସବକୁ ପ୍ରଶାସନିକ ସ୍ତରୀୟ ପାଳନ ଓ ଦାୟିତ୍ୱ ଅର୍ପଣ ପାଇଁ ଆଲୋଚନା ହୋଇଥିଲା। ସର୍ବସମ୍ମତି କ୍ରମେ ହିନ୍ଦୋଳ ଉପଜିଲାପାଳ ପ୍ରଭାସ କୁମାର ବେଉରାଙ୍କୁ ସଭାପତି ଏବଂ ଡେପୁଟି କଲେକ୍ଟର ବିଶ୍ୱଜିତ ରାଉତଙ୍କୁ ସମ୍ପାଦକ ମନୋନୀତ କରାଯାଇଥିଲା। ଏଥିସହ ଏକ ୧୫ ଜଣିଆ କୋର କମିଟି ଗଠନ କରାଯାଇଥିଲା। ତହସିଲଦାର, ହିନ୍ଦୋଳ ଏନ୍ଏସି ଅଧ୍ୟକ୍ଷ, ନିର୍ବାହୀ ଅଧିକାରୀ ଓ ପାରିଷଦବର୍ଗ ସ୍ୱତନ୍ତ୍ର ସଦସ୍ୟ ରହି କମିଟିକୁ ସହଯୋଗ କରିବାପାଇଁ ନିଷ୍ପତ୍ତି ହୋଇଥିଲା । ଉପଜିଲାପାଳ ସ୍ଥାୟୀ ସଭାପତି ଓ ଡେପୁଟି କଲେକ୍ଟର ସ୍ଥାୟୀ ସମ୍ପାଦକ ରହିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ବୈଠକରେ ଉପଜିଲାପାଳ ବେହୁରା, ତହସିଲଦାର ଦିଲୀପ ସେଠୀ, ଡେପୁଟି କଲେକ୍ଟର ରାଉତ, ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ, ବିଦାୟୀ ପ୍ରତିଷ୍ଠାତା ସଭାପତି ପ୍ରଦୀପ ସାମନ୍ତ, ସମ୍ପାଦକ ବିଶେଶ୍ୱର ସେଠୀ, ଆଇନଜୀବୀ ଅରୁଣ ଦାସ, ବ୍ରହ୍ମାନନ୍ଦ ପଟ୍ଟନାୟକ, ସନ୍ତୋଷ ବେହେରା, ପ୍ରକାଶ ନାୟକ, ବରିଷ୍ଠ ନାଗରିକ ପ୍ରଶାନ୍ତ ସର, ଗୋବିନ୍ଦ ବେହେରା, ବାଙ୍କନିଧି ପାଳ, ତ୍ରିନାଥ ବେହେରା, ପୂର୍ବତନ ଏନଏସି ଅଧ୍ୟକ୍ଷା ରୀନା ବେହେରା, ଗଣମାଧ୍ୟମ ପ୍ରତିନିଧି ଦୁଷ୍ମନ୍ତ ମିଶ୍ର, ଶତ୍ରୁଘ୍ନ ନନ୍ଦ, ପ୍ରଦ୍ୟୁମ୍ନ ବେହେରା ଓ କାଉନସିଲର ରୁଦ୍ରନାରାୟଣ ପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ପାନୀୟ ଜଳ ନ ମିଳିଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ପମ୍ପହାଉସ୍‌ରେ ତାଲା ଝୁଲିବ

ଭୁବନ, ୯।୪ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ମୃଦଙ୍ଗା ଗ୍ରାମର ଅଧିକାଂଶବାସିନ୍ଦା ପାନୀୟ ଜଳ ନ ପାଇ ଗୁରୁବାର ପମ୍ପ ହାଉସରେ ତାଲା ପକାଇଥିଲେ। ଏପରିକି ଗ୍ରାମର ଦେହୁରୀସାହି, କୁରାଳସାହି, କୈବର୍ତ୍ତସାହିର ଲୋକମାନେ ପାନୀୟ ଜଳ ପାଇବାରେ ସମସ୍ୟା ନେଇ ଅଭିଯୋଗ କରିଛନ୍ତି । ପମ୍ପ ହାଉସରୁ ପାଣି ଚାଲିବା ମାତ୍ରକେ କିଛି ଲୋକ ମଟର ଯୋଗେ ପାଣି ନେଇଯିବା ଫଳରେ ତଳିଆ ଅଞ୍ଚଳ ଲୋକ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଗ୍ରାମରେ ଥିବା କେତେକ ନଳକୂଅ ଅଚଳ ହୋଇଯାଇଥିବାରୁ ପାନୀୟ ଜଳ ସମସ୍ୟା ଦେଖାଦେଇଛି। କେତେକ ନଳକୂଅରୁ ଲୁହାଳିଆ ପାଣି ବାହାରିବାରୁ ଅନେକ ଲୋକ କିଡନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ଲୋକମାନେ ଅଭିଯୋଗ କରିଛନ୍ତି। ଖରାଦିନ ଆସିବାରୁ ପାନୀୟ ଜଳ ସମସ୍ୟା ନେଇ ମହିଳାମାନେ ପମ୍ପ ହାଉସରେ ତାଲା ପକାଇ ନାଳରେ ଚୁଆ କରି ପାଣି ଆଣି ବ୍ୟବହାର କରୁଛନ୍ତି । ପମ୍ପ ହାଉସରେ ତାଲା ପଡ଼ିବା ଖବର ପାଇ ଭୁବନ ବିଡିଓ ଆୟୁଷୀ ମହାପାତ୍ର ଗ୍ରାମକୁ ଯାଇ ଲୋକମାନଙ୍କ ସମସ୍ୟା ବୁଝିବା ପରେ ଜାଣିବାକୁ ପାଇଲେ କିଛି ଲୋକ ପାନୀୟ ଜଳକୁ ଘରେ ଅପବ୍ୟବହାର କରିବା ସଙ୍ଗେ ସଙ୍ଗେ ଉପର ମୁଣ୍ଡରେ ବସବାସ କରୁଥିବା ଲୋକମାନେ ମୋଟର ଯୋଗେ ପାଣି ନେବାରୁ ସ୍ୱଳ୍ପ ସମୟ ମଧ୍ୟରେ ପାଣି ପାଇପାରୁନାହାନ୍ତି । ପାନୀୟ ଜଳକୁ ଅପବ୍ୟବହାର କରୁଥିବା ବ୍ୟକ୍ତି ତଥା ମୋଟର ଯୋଗେ ପାଣି ନେଉଥିବା ଲୋକମାନଙ୍କ ଉପରେ ପଦକ୍ଷେପ ନିଆଯିବା ସହିତ ସମସ୍ତ ଲୋକ ଯେପରି ପାନୀୟ ଜଳ ଠିକ ଭାବେ ପାଇପାରିବେ ସେଥିପାଇଁ ବ୍ୟବସ୍ଥା କରାଯିବ ବୋଲି ବିଡିଓ କହିଥିଲେ। ଖୁବଶୀଘ୍ର ଏକ ଗ୍ରାମ କମିଟି ଗଠନ କରାଯାଇ ପାନୀୟ ଜଳ ଯୋଗାଣ କରାଯିବ ବୋଲି ଅଧିକାରୀମାନେ କହିଥିଲେ ।

# ଗଁଦିଆରୁ ଆରମ୍ଭ ହେଲା 'ୟୁଥ୍ ଯୋଡ଼-ବୁଥ୍ ଯୋଡ଼' ଅଭିଯାନ




**କଂଗ୍ରେସର ସାଧାରଣ ସଭା**

ଗଁଦିଆ,୯।୪(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କଂଗ୍ରେସ କାର୍ଯ୍ୟାଳୟଠାରେ ଗୁରୁବାର କଂଗ୍ରେସ ପକ୍ଷରୁ 'ୟୁଥ୍ ଯୋଡ, ବୁଥ ଯୋଡ଼' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜାତୀୟ କଂଗ୍ରେସର ରାଜ୍ୟ ଯୁବ ସଭାପତି ରଞ୍ଜିତ କୁମାର ପାତ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଧାରଣ ସମ୍ପାଦକ ଆଶିଷ କୁମାର ଜେନା, ଜିଲା ସଭାପତି ଛବିରାଜ ବିଶ୍ୱାଳ ଓ ଗଁଦିଆ ବ୍ଲକ୍ ସଭାପତି ବନମାଳୀ ଦାସଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଯୋଗ ଦେଇଥିଲେ । କପିଳାସ ଛକରେ ପ୍ରଥମେ ରାଜ୍ୟ ଯୁବ ସଭାପତିଙ୍କୁ ସ୍ୱାଗତ କରିବା ସହ ଏକ ବିଶାଳ ବାଇକ ରାଲିରେ ବ୍ଲକ କଂଗ୍ରେସ କାର୍ଯ୍ୟାଳୟଙ୍କୁ ନିଆଯାଇଥିଲା। ପରେ ଆୟୋଜିତ ସାଧାରଣ ସଭାରେ ପୂର୍ବ ସରକାର ଓ ବର୍ତ୍ତମାନ ଥିବା ସରକାରଙ୍କ ଉପରେ କଂଗ୍ରେସ ନେତୃବୃନ୍ଦ ବର୍ଷିଥିଲେ। ୩୦୦ ୟୁନିଟ୍ ବିଜୁଳି କୁଆଡ଼େ ଗଲା ଓ ସବୁ ପଞ୍ଚାୟତରେ ଚାକିରି ସୁଯୋଗ ସୃଷ୍ଟି କରିବା ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ନେତୃବୃନ୍ଦ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ । ଆଗାମୀ ୨୦୨୭ରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ପାଇଁ ପ୍ରତି ବୁଥ ଦଖଲ କରିବାକୁ ଆହ୍ୱାନ ଦିଆଯାଇଥିଲା ।

# ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ତାଳପତ୍ରରେ ପ୍ରସ୍ତୁତ ସାମଗ୍ରୀ

ଢେଙ୍କାନାଳ,୯।୪(ରତନ ନାୟାର)



ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସଞ୍ଜପଡ଼ା ଗ୍ରାମର ମହିଳାମାନେ ପାରମ୍ପରିକ ଦକ୍ଷତାକୁ ଆତ୍ମନିର୍ଭରଶୀଳତାରେ ରୂପାନ୍ତରିତ କରି ଉଦାହରଣ ପାଲଟିଛନ୍ତି। ଏହି ଅଞ୍ଚଳରେ ପ୍ରଚୁର ପରିମାଣରେ ତାଳପତ୍ର ଉପଲବ୍ଧ ହେଉଥିଲେ ହେଁ, ଏହା ଏକ ପ୍ରକାର ଅବ୍ୟବହୃତ ହୋଇ ରହିଥିଲା। ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ତାଳପତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଯାହା ପୂର୍ବ କାଳରେ ପୋଥି ଲିଖନ, ଜାତକ, ରାମାୟଣ ଓ ମହାଭାରତ ଭଳି ମହାକାବ୍ୟର କଳାତ୍ମକ ଚିତ୍ରଣ ପାଇଁ ବ୍ୟବହୃତ ହେଉଥିଲା। ଏବେ ସେହି ତାଳପତ୍ରକୁ ମୂଲ୍ୟବାନ ସାମଗ୍ରୀରେ ପରିଣତ କରାଯାଇପାରିଛି। ଟାଟାଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍‌ଏଫ୍)ର ମହିଳା ସଶକ୍ତୀକରଣ ଏବଂ ଉଦ୍ୟୋଗିତା ପ୍ରକଳ୍ପ ଅଧୀନରେ ଏହି ରୂପାନ୍ତରଣର ପ୍ରକ୍ରିୟା ଆରମ୍ଭ ହୋଇଥିଲା।
ଟିଏସ୍‌ଏଫ୍ ପ୍ରୋତ୍ସାହନରେ ଗଠିତ ଗୃହଲକ୍ଷ୍ମୀ ସମବାୟ ସମିତି ସହ ଜଡ଼ିତ ସଞ୍ଜପଡ଼ା ପଞ୍ଚାୟତର ୨୫ଜଣ ମହିଳାଙ୍କୁ ନେଇ ୪ମାସିଆ 'ତାଳପତ୍ର ମୂଲ୍ୟବୃଦ୍ଧି ତାଲିମ କାର୍ଯ୍ୟକ୍ରମ' ଆୟୋଜିତ ହୋଇଥିଲା। ଏହି ପ୍ରଶିକ୍ଷଣ ମହିଳାମାନଙ୍କ ପାଇଁ ନୂତନ ସୁଯୋଗର ଦ୍ୱାର ଉନ୍ମୋଚନ କରିଛି। ମହିଳାମାନେ ବର୍ତ୍ତମାନ ତାଳପତ୍ରରେ କୋଷ୍ଟର, ବୁକ୍‌ମାର୍କ ଏବଂ ଚଟେଇ ତିଆରି କରି ରୋଜଗାରକ୍ଷମ ହେବା ସହ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ପ୍ରତ୍ୟେକ ସହଭାଗୀ ୩୦୦୦ ଟଙ୍କା ଲେଖାଏଁ ରୋଜଗାର କରିପାରିଛନ୍ତି। ମହିଳାମାନେ ୨୦୨୫ ଡିସେମ୍ବର ମାସରେ ଓଡିଶା ସରକାରଙ୍କ ମିଶନଶକ୍ତି ସହ ମିଳିତ ଭାବେ ଜଗନ୍ନାଥ ପ୍ରଡ୍ୟୁସର ଗ୍ରୁପ୍ ଗଠନ କରିଛନ୍ତି। ଡିସେମ୍ବର ୨୦ ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଢେଙ୍କାନାଳ ମହୋତ୍ସବରେ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀକୁ ପ୍ରଦର୍ଶନ କରିଥିଲେ। ଏଥିପାଇଁ ଇନୋଭେଟିଭ୍ ବିଜେନସ୍ ଆଇଡିଆ ବର୍ଗରେ ସେମାନଙ୍କୁ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଏ ସମ୍ପର୍କରେ ଗୃହଲକ୍ଷ୍ମୀ ସମବାୟ ସମିତିର ସଦସ୍ୟା ମମତା ଗଡନାୟକ କୁହନ୍ତି, ଏହି ଅଭିନବ ପ୍ରୟାସ ଆମକୁ ଆମ ପାରିପାର୍ଶ୍ୱିକ ସମ୍ବଳର ମୂଲ୍ୟ ବୁଝିବାରେ ସାହାଯ୍ୟ କରିଛି। ଏବେ ଆମେ ଆହୁରି ଆଗକୁ ବଢ଼ିବା ସହ ନିଜ ପରିଶ୍ରମ ବଳରେ ପରିବାରର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ଆଶା ରଖିଛୁ । ଅନ୍ୟତମ ସଦସ୍ୟା ସ୍ମିତା ବିଶ୍ୱାଳ କୁହନ୍ତି, ଏହି ଯାତ୍ରା ଆମ ଜୀବନର ପରିଭାଷା ବଦଳାଇ ଦେଇଛି। ଅମେ କିଛି ନୂଆ ଶିଖିବା ସହ ରୋଜଗାରକ୍ଷମ ହୋଇପାରିଥିବାରୁ ଆନନ୍ଦିତ। ଟାଟାଷ୍ଟିଲ୍ ଫାଉଣ୍ଡେଶନ ମେରାମଣ୍ଡଳୀର ୟୁନିଟ୍ ଲିଡ୍‌ର କୁମାର ସୌରଭ ଏ ସମ୍ପର୍କରେ କହିଛନ୍ତି ଯେ, ସ୍ଥାନୀୟ ସମ୍ବଳ ଏବଂ ପାରମ୍ପରିକ ଜ୍ଞାନ କୌଶଳକୁ ବ୍ୟବହାର କରି ଗୋଷ୍ଠୀଭିତ୍ତିକ ସ୍ଥାୟୀ ଜୀବିକା ନିର୍ବାହ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଆବଶ୍ୟକ ସହାୟତା ଏବଂ ମିଳିତ ଉଦ୍ୟମ ଦ୍ୱାରା ଦକ୍ଷତାକୁ ଆର୍ଥିକ ସୁଯୋଗରେ ରୂପାନ୍ତରିତ କରାଯାଇପାରିବ ବୋଲି ସଞ୍ଜପଡ଼ାର ମହିଳାମାନେ ପ୍ରମାଣ କରିଛନ୍ତି। ସେମାନଙ୍କର ଉଦ୍ୟୋଗୀ ମନୋଭାବକୁ ଉତ୍ସାହିତ କରିବା ପାଇଁ ଟାଟାଷ୍ଟିଲ ଫାଉଣ୍ଡେଶନ ଆଗାମୀ ଦିନରେ ମଧ୍ୟ ସମସ୍ତ ପ୍ରକାର ସହଯୋଗ ଜାରି ରଖିବ।

